# ଜାତୀୟକବି ବାଞ୍ଛାନିଧି: ଏକ ଶ୍ରଦ୍ଧାଞ୍ଜଳି

**ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ**

ଜାତୀୟ କବି ବାଞ୍ଛାନିଧି ମହାନ୍ତି ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କରି ଅନେକ ଅଗ୍ନିମୟ କବିତା ସୃଷ୍ଟି କରିଯାଇଛନ୍ତି । ତାଙ୍କ ଦେଶାତ୍ମବୋଧ କବିତା ଓଡ଼ିଶାର ପୁରପଲ୍ଲୀରେ ସ୍ୱାଧୀନତା ଆନ୍ଦୋଳନକୁ ଦୃଢ଼ କରିବା ସଂଗେ ସଂଗେ, ଲୋକଙ୍କ ମନରେ ଅଭୁତପୂର୍ବ ଜାଗରଣ ଆଣିଦେଇଥିଲା । ସେ ଏକ ନାଟ ଦଳ ଗଠନ କରି ପୁରପଲ୍ଲୀରେ ନିଜର ସୁନ୍ଦର ଅଭିନୟ ଦ୍ୱାରା ଲୋକଙ୍କ ମନରେ ବ୍ରିଟିଶ ବିରୋଧୀ ବିଦ୍ରୋହ ଅଗ୍ନି ପ୍ରଜ୍ୱଳିତ କରିଥିଲେ ।

କବି ବାଞ୍ଛାନିଧି, ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ଲବଣ ସତ୍ୟାଗ୍ରହ କରିଥିଲେ । ଇରମ ଠାରେ ଗୁଳିକାଣ୍ଡ ଘଟି ଯେଉଁଳି ଗ୍ରାମବାସୀ ଶହୀଦ ହୋଇଥିଲେ, ତାହା ତାଙ୍କ ବିପ୍ଳବୀ କାବ୍ୟ ଚେତନାର ଫଳ ସ୍ମୃତି ବୋଲି କୁହାଯାଇପାରେ । ଇରମ ଓଡ଼ିଶାର ରକ୍ତତୀର୍ଥ ଜାଲିୱାଲାବାଗ୍ ରୂପେ ଇତିହାସରେ ଚିର ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇରହିଛି ଓ ରହିବ ।

ଜାତୀୟ କବି ବାଞ୍ଛାନିଧି ମହାନ୍ତି ୧୮୯୭ ମସିହା ଅପ୍ରେଲ ୨୦ ତାରିଖରେ ଭଦ୍ରକ ଜିଲ୍ଲାର ବାସୁଦେବପୁର ଅଞ୍ଚଳର ଇରମ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ କବିତା ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିଲା । ତାଙ୍କର ଅନେକ ବିପ୍ଳବାତ୍ମକ କବିତା ରହିଛି । ସେଥିରୁ ଗୋଟିଏ ଦିଆଗଲା-

କହ କହ କେଉଁ ଜାତି ପାଇଛି ମୁକତି  
    କରି ହୂରି ହାରି ଗୁହାରି,  
କହ ପାଇଛି କେ ସୁଖ ଲିଭାଇଛି ଦୁଃଖ  
    ମାଗି ମାଗି ପଥ ଭିକାରୀ ।  
ଯେବେ ବାଘ ମୁହେଁ ପଡ଼େ ଶିକାର  
    ମୀନତିରେ ପାଏ କି ସେ ଉଦ୍ଧାର ।  
ଛାଡ଼ିକି ଦିଏ କେବେ ଧୀବର ଜାଲରୁ  
    ନଗଲେ ମୀନ ଆଗେ ବାହାରି ।

କବି ବାଞ୍ଛାନିଧିଙ୍କର ଆଉ ଗୋଟିଏ କବିତାର ପଂକ୍ତି ହେଲା-

କି ହେବ ସେ ସ୍ୱରାଜ୍ୟ ଘେନି  
    ଯେବେ ମୋର ନପୂରେ ପେଟ,  
ଖଟି ଖଟି ମଲେଣି ମୂଲିଆ  
    ଚାଷୀ ଚଷି ଦାନା କନା ନିଅଣ୍ଟ ।

କବି ବାଞ୍ଛାନିଧିଙ୍କର ଏହି କବିତାଟି ଲେଲିନ୍‌ଙ୍କର ଗୋଟିଏ କଥା ମନେପକାଇ ଦିଏ । ଲେଲିନ୍ କହିଥିଲେ- ସ୍ୱାଧୀନତାର ପ୍ରକୃତ ଅର୍ଥ ମଣିଷର ଆବଶ୍ୟକତା ପୂରଣ ।

ତାହା ନହେଲେ ସ୍ୱାଧୀନତା କେବଳ ଶାସକ ପରିବର୍ତ୍ତନରେ ପର୍ଯ୍ୟବେସିତ ହୁଏ । ଆଜି ସ୍ୱାଧୀନ ଭାରତରେ  କେବଳ ସେଇଆ ହୋଇଛି । ଧଳା ଶାସକ ଗୋଷ୍ଠୀ ପରିବର୍ତ୍ତେ କେବଳ କଳା ଶାସକ ଗୋଷ୍ଠୀ ସମାଜର ଶୋଷଣ ଅଧିକାର କରିବସିଛନ୍ତି । ଗଣତାନ୍ତ୍ରିକ ସମାଜର ଶୋଷଣ ବ୍ୟବସ୍ଥା ପୂର୍ବପରି ଚାଲିଛି ।

ସମଗ୍ର ଦେଶରେ ଆଜି ଦୁର୍ନୀତି ବ୍ୟାପକରୁ ବ୍ୟାପକତର ହୋଇଛି । ତେଣୁ ଏଭଳି ଶୋଷଣ ଭିତ୍ତିକ ସମାଜ ବ୍ୟବସ୍ଥା ବଦଳାଇବା ପ୍ରତ୍ୟେକ ଲୋକର ଐତିହାସିକ କର୍ତ୍ତବ୍ୟ । ସେହି ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ କ୍ରମେ ଆସନ୍ନ ହୋଇଆସୁଛି । ଦେଶର ପ୍ରତ୍ୟେକ ପ୍ରଗତିଶୀଳ ଲୋକ ସେହି ଦ୍ୱିତୀୟ ବିପ୍ଳବର ପ୍ରତିକ୍ଷା କରୁଛନ୍ତି ।

ବିପ୍ଳବର ଜୟ ହେଉ ।

ପୂର୍ବତନ ସଭାପତି  
ଓଡ଼ିଶା ସାହିତ୍ୟ ଏକାଡ଼େମୀ